# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 13 October – 2025

## ବିକଶିତ ଭାରତ ବିଲ୍ଡାଥନ–୨୦୨୫

ଦେଶରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନବସୃଜନ ବୃଦ୍ଧି ଲକ୍ଷ୍ୟରେ 'ବିକଶିତ ଭାରତ ବିଲ୍ଡାଥନ–୨୦୨୫' ଆଜିଠାରୁ ସମସ୍ତ ବିଦ୍ୟାଳୟଗୁଡ଼ିକରେ ଆରମ୍ଭ ହେବ। ଏ ସମ୍ପର୍କରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ବିଲ୍ଡାଥନ କେବଳ ଏକ ପ୍ରତିଯୋଗିତା ନୁହେଁ; ବରଂ ଏକ ଆନ୍ଦୋଳନରେ ପରିଣତ ହୋଇଛି। ଏହା ସୃଜନଶୀଳତା ଏବଂ ଆତ୍ମବଳର ଏକ ଦେଶବ୍ୟାପୀ ଉତ୍ସବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ଶିକ୍ଷା ମନ୍ତ୍ରଣାଳୟର ବିଦ୍ୟାଳୟ ଶିକ୍ଷା ଏବଂ ସାକ୍ଷରତା ବିଭାଗ ଦ୍ୱାରା ଅଟଳ ଇନୋଭେସନ୍ ମିଶନ, ନୀତି ଆୟୋଗ ଏବଂ ଏ.ଆଇ.ସି.ଟି.ଇ. ସହଯୋଗରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। 'ଭୋକାଲ ଫର୍ ଲୋକାଲ', ଆତ୍ମନିର୍ଭର ଭାରତ, ସ୍ୱଦେଶୀ ଏବଂ ସମୃଦ୍ଧ ଭାରତ ପରି ଚାରୋଟି ବିଷୟବସ୍ତୁ ଉପରେ କାର୍ଯ୍ୟକ୍ରମଟି ପର୍ଯ୍ୟବେସିତ।

## ବିଜ୍ଞପ୍ତି–ଉପନିର୍ବାଚନ

ନୂଆପଡ଼ା ଉପନିର୍ବାଚନ ପାଇଁ ଆଜି ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇବ। ପ୍ରାର୍ଥୀମାନେ ଆଜିଠାରୁ ୨୦ ତାରିଖ ପର୍ଯ୍ୟନ୍ତ ନାମାଙ୍କନପତ୍ର ଦାଖଲ କରିପାରିବେ। ଆସନ୍ତା ମାସ ୧୧ ତାରିଖରେ ଉପନିର୍ବାଚନ ପାଇଁ ଭୋଟ ଗ୍ରହଣ ହେବା ସହ ୧୪ ତାରିଖରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ। ଉପନିର୍ବାଚନ ପାଇଁ କଂଗ୍ରେସ ପକ୍ଷରୁ

ଘାସିରାମ ମାଝୀଙ୍କୁ ପ୍ରାର୍ଥୀ କରାଯାଇଛି । ତେବେ ବିଜେପି ଓ ବିଜେଡ଼ି ପକ୍ଷରୁ ଏପର୍ଯ୍ୟନ୍ତ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇ ନାହିଁ । ନୂଆପଡ଼ାରେ ଚଳିତବର୍ଷ ମୋଟ୍ ୨ ଲକ୍ଷ ୫୩ ହଜାର ୬୨୪ ଜଣ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ ।

## ମୁଖ୍ୟମନ୍ତ୍ରୀଙ୍କ ପୁରୀ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ପୁରୀ ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି । ମୁଖ୍ୟମନ୍ତ୍ରୀ ମଧ୍ୟାହ୍ନରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀ ସଦାଶିବ କ୍ୟାମ୍ପ ପରିସରରେ ଜାତୀୟ ଶିକ୍ଷାନୀତି-୨୦୨୦ ସଂପର୍କରେ ଭାରତୀୟ ଜ୍ଞାନ ପରମ୍ପରା ଆଲୋଚନାଚକ୍ରରେ ଯୋଗଦେବେ । ଅପରାହ୍ନରେ ବୃନ୍ଦାବତୀ ନିବାସ ହବିଷ୍ୟାଳୀ କେନ୍ଦ୍ରରେ ହବିଷ୍ୟାଳୀମାନଙ୍କ ସହ ଭାବ ବିନିମୟ କରିବାର କାର୍ଯ୍ୟକ୍ରମ ରହିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

## ପୋଲିଓ

କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଗତକାଲି ପୋଲିଓ ଅଭିଯାନ ଦିବସ ଅବସରରେ କଟକ ମହାନଗର ନିଗମ ଅଞ୍ଚଳରେ ପ୍ରାୟ ୧୭ ହଜାର ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଛି । ଜିଲ୍ଲାରେ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଟାସ୍କଫୋର୍ସ ଗଠନ କରାଯିବା ସହ ୨୨୧ଟି ବୁଥ୍ ଖୋଲାଯାଇଛି । ଆଜି ଓ ଆସନ୍ତାକାଲି ଆଶାକର୍ମୀ ଏବଂ ଅଙ୍ଗନବାଡ଼ି ସେବିକାମାନେ ଘରକୁ ଘର ବୁଲି ଶିଶୁମାନଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରିବେ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି । କଟକରେ

୫୫ ହଜାରରୁ ଊର୍ଦ୍ଧ୍ୱ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯିବାର ଲକ୍ଷ୍ୟ ରଖାଯାଇଛି ।

## ବାଲିଯାତ୍ରା ପ୍ଲଟ୍ ନିଲାମ

ଐତିହାସିକ କଟକ ବାଲିଯାତ୍ରା ପାଇଁ ତଳପଡ଼ିଆ ପ୍ଲଟ ପଞ୍ଜୀକରଣ ପ୍ରକ୍ରିୟା ଶେଷହୋଇଛି । ଆଜିଠାରୁ ନିଲାମ ପ୍ରକ୍ରିୟା ଆରମ୍ଭ ହେବ । ଷ୍ଟାଡିୟମ ନିକଟ ବାରବାଟୀ ପ୍ୟାଲେସ୍ ସମେତ ୩ଟି ସ୍ଥାନରେ ଏଥିପାଇଁ ବ୍ୟବସ୍ଥା କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ୬୦୦ ପ୍ଲଟ୍ ନିଲାମ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ।

## ଟେରାକୋଟା ପ୍ରଦର୍ଶନୀ

ଭୁବନେଶ୍ୱର ଇଡ୍କୋ ପ୍ରଦର୍ଶନୀ ପଡ଼ିଆରେ ଆଜିଠାରୁ ବାର୍ଷିକ ଟେରାକୋଟା ପ୍ରଦର୍ଶନୀର ଶୁଭାରମ୍ଭ ହେବ । ସମବାୟ ଏବଂ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବେ । ଟେରାକୋଟା ପ୍ରଦର୍ଶନୀ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ବୈଠକ

ଭଦ୍ରକ ଜିଲ୍ଲା ଭଣ୍ଡାରୀପୋଖରୀ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ୨୦୨୫ -୨୬ ଆର୍ଥିକ ବର୍ଷ ପାଇଁ ମନରେଗା ଓ ଖାଦ୍ୟ ସୁରକ୍ଷା ଉପରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମନରେଗା ଖାଦ୍ୟ ସୁରକ୍ଷା, କୃଷି ଉଦ୍ୟାନ ଓ ଜଙ୍ଗଲ ଆଦି ବିଭାଗର ବିଭିନ୍ନ ଯୋଜନା ସଂପର୍କିତ ସୂଚନା ଲୋକଙ୍କ ପାଖରେ ପହଞ୍ଚାଇବା ଲାଗି ନିଷ୍ପତ୍ତି ହୋଇଛି ।

# କାର୍ତ୍ତିକବ୍ରତ

କାର୍ତ୍ତିକ ମାସର ପ୍ରଥମ ସୋମବାରରେ ଆଜି ରାଜ୍ୟର ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଛି । ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର, କଟକର ଧବଳେଶ୍ୱର, ଢେଙ୍କାନାଳର କପିଳାସ,ଭଦ୍ରକର ଆଖଣ୍ଡଳମଣି ସମେତ ନବରଙ୍ଗପୁରର ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରୁଛନ୍ତି ।

---

# ଗଜଲକ୍ଷ୍ମୀ ପୂଜା

କେନ୍ଦ୍ରାପଡ଼ା ଜିଲ୍ଲାରେ ଗଜଲକ୍ଷ୍ମୀ ପୂଜା ଶେଷ ହୋଇଛି । ୭ ଦିନ ବ୍ୟାପି ଚାଲିଥିବା ପୂଜାର ଉଦ୍‌ଯାପନୀ ଦିବସରେ ଗତକାଲି କାକଟ ମଙ୍ଗଳା ମେଢ଼ ଆଗରେ ପାରମ୍ପରିକ ପାଇକ ଆଖଡ଼ା ଅନୁଷ୍ଠିତ ହୋଇଥିଲା । ଆଜି ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ମେଳଣ ଅନୁଷ୍ଠିତ ହେବ ।

---

# ବିପର୍ଯ୍ୟୟ ନିୟନ୍ତ୍ରଣ ଦିବସ

ପ୍ରାକୃତିକ ବିପର୍ଯ୍ୟୟ ପ୍ରତି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ବିପର୍ଯ୍ୟୟ ନିୟନ୍ତ୍ରଣ ଦିବସ ପାଳନ କରାଯାଉଛି । ବିପର୍ଯ୍ୟୟ ସଂପର୍କିତ ସମସ୍ୟାକୁ ରୋକିବା ଏବଂ ଏହାର ମୁକାବିଲା ପାଇଁ ୧୯୮୯ ମସିହାରେ ସଂଯୁକ୍ତ ରାଷ୍ଟ୍ର ମହାସଭା ପକ୍ଷରୁ ପ୍ରଥମେ ଏହି ଦିବସ ପାଳନ କରାଯାଇଥିଲା । ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି **ବିପର୍ଯ୍ୟୟ ପରିବର୍ତ୍ତେ ବିପର୍ଯ୍ୟୟର ମୁକାବିଲାକୁ ଅଧିକ ପ୍ରୋତ୍ସାହିତ କରିବା ।**

---

## ପଦକ

ଉତ୍ତରପ୍ରଦେଶର ଶାହାରନ୍‌ପୁରଠାରେ ଅନୁଷ୍ଠିତ ଜାତୀୟ ଜୁ-ଜିତ୍‌ସୁ ପ୍ରତିଯୋଗିତାରେ ଓଡ଼ିଶା ଦଳ ୯ଟି ସ୍ୱର୍ଣ୍ଣ, ୧୦ଟି ରୌପ୍ୟ ଏବଂ ୯ଟି ବ୍ରୋଞ୍ଜ ପଦକ ସହ ମୋଟ୍ ୨୮ଟି ପଦକ ହାସଲ କରିଛି । ଦଳର ଏହି ସଫଳତା ପାଇଁ ରାଜ୍ୟ ଜୁ-ଜିତ୍‌ସୁ ସଂଘ ପକ୍ଷରୁ ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

## ଟେବୁଲ୍ ଟେନିସ୍

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୨୮ତମ ଏସିଆନ୍ ଟେବୁଲ୍ ଟେନିସ୍ ଚମ୍ପିୟାନ୍‌ସିପ୍‌ର କ୍ୱାର୍ଟର ଫାଇନାଲ୍‌ରେ ଭାରତୀୟ ଦଳ ହଂକଂଠାରୁ ୦-୩ରେ ପରାସ୍ତ ହୋଇଛି ।  ଆସନ୍ତାକାଲି ଭାରତୀୟ ଦଳ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଖେଳିବ ।

## ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ଆସନ୍ତା ୨୪ଘଣ୍ଟା ମଧ୍ୟରେ ରାଜ୍ୟରୁ ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା ଆରମ୍ଭ କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ରାଜ୍ୟରେ ଆସନ୍ତା ୩ ଦିନ ଧରି ବର୍ଷା ହେବାର ସମ୍ଭାବନା ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୧୧ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।